ତା 5.6.2010

ବରଗଡ

<u>ପ୍ରେସନୋଟ</u>

ଆଜି ଓଡ଼ିଶା ସରକାରଙ୍କ ମାନ୍ୟବର ଆଦିବାସୀ ଓ ହରିଜନ ଉନ୍ନୟନ ତଥା ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଶ୍ରୀ ବିଜୟ ରଂଜନ ସିଂ ବରିହା ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିବା ରାଜୀବ ଗାନ୍ଧୀ ବିଦ୍ୟୁତ ଯୋଜନା, ବିଜୁ ବିଦ୍ୟୁତ୍ ଯୋଜନା, ଗ୍ରାମ୍ୟ ବିଦ୍ୟୁତ୍ କରଣ, ଉଠାଜଳ ସେଚନ, କୃଷି ଓ କୃଷି ଯନ୍ତ୍ରପାତି ନିଗମର କାର୍ଯ୍ୟ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଶ୍ରୀ ଭାବଗ୍ରାହୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁନାଫୁଲ ସେଠ୍, ଅତାବିରା ବିଧାୟକ ଶ୍ରୀ ନିହାର ରଂଜନ ମହାନନ୍ଦ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବନ୍ଧୁ ବିଲୋଙ୍ଗୁର, ବିଭାଗୀୟ ଅଧିକାରୀ ବୃନ୍ଦ, ଗ୍ରାମ୍ୟ ବିଦ୍ୟୁତ କରଣ ଦାୟିତ୍ୱରେ ଥିବା ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ । ସମୀକ୍ଷାରୁ ଜଣାଗଲା ଯେ, ଗ୍ରାମ୍ୟ ବିଦ୍ୟୁତ କରଣ ଯୋଜନାରେ 2007-2008 ବର୍ଷରେ 77 ଗ୍ରାମ ନିଆଯାଇଥିଲା ଏବଂ ସେଥିରୁ 74ଟି ଗ୍ରାମରେ ମୋଟ ଦୁଇକୋଟି ତିନିଲକ୍ଷ ପଚାଶ ହଜାର ପାଂଚଶହ ଏକାନବେ ଟଂକା ଖର୍ଚ୍ଚ କରାଯାଇ ବିଦ୍ୟୁତ ସଂଯୋଗ କରାଯାଇ ଅଛି । ସେହିଭଳି ଏହି ଯୋଜନାରେ 2008-2009 ବର୍ଷରେ 155ଟି ଗ୍ରାମ ନିଆଯାଇ ଥିଲା ଏବଂ ଅଦ୍ୟାବଧି 58ଟି ଗ୍ରାମରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବାବେଳେ 97ଟି ଗ୍ରାମରେ କାର୍ଯ୍ୟ ଚାଲୁଅଛି ଏବଂ ଏଥି ନିମିତ୍ତ ଏକ କୋଟି ବାରଲକ୍ଷ ଏକ ଚାଳିଶ ହଜାର ତିନିଶହ ତେପନ ଟଂକା ଖର୍ଚ୍ଚ କରାଯାଇଅଛି । ଜିଲ୍ଲାକୁ ଏହି ଯୋଜନାରେ ଅଦ୍ୟାବଧି 12 କୋଟି ଟଂକା ମିଳିଥିବା ବେଳେ ମୋଟ ତିନିକୋଟି ଅଣଚାଶ ଲକ୍ଷ ଟଂକା ଖର୍ଚ୍ଚ କରାଯାଇ ଅଛି ଏବଂ ଆଠକୋଟି ପଚାଶ ଲକ୍ଷ ଟଂକା ଗଚ୍ଛିତ ଅଛି । ଏତେ ଟଂକା ଗଚ୍ଛିତ ଥିବାର ଜାଣି ମନ୍ତ୍ରୀ ଶ୍ରୀ ବରିହା ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ରାଜୀବ ଗାନ୍ଧୀ ବିଦ୍ୟୁତ ଯୋଜନାରେ ଜିଲ୍ଲାରେ 1179ଟି ଗ୍ରାମରୁ 671ଟି ଗ୍ରାମରେ କାର୍ଯ୍ୟ ଚାଲିଥିବା ବେଳେ 326ଟି ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ପୂର୍ଣ୍ଣ ପ୍ରସ୍ତୁତ କରାଯାଇ ସେଥିରୁ 187ଟି ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ବୋଲି ବିଦ୍ୟୁତ୍ କରଣ ଦାୟିତ୍ୱରେ ଥିବା ସଂସ୍ଥାର ଅଧିକାରୀମାନେ ପ୍ରକାଶ କରିଥିଲେ । ସେହିଭଳି 81ଟି ଗାଁର 348ଟି ବି.ପି.ଏଲ. ପରିବାରକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇ ଥିବା ପ୍ରକାଶ । ଉଠାଜଳ ସେଚନ ପଏଣ୍ଟ ଗୁଡିକୁ ବିଦ୍ୟୁତ ଯୋଗାଣର ସମୀକ୍ଷାରୁ ଜଣାଗଲା ଯେ, ଜିଲ୍ଲାରେ 527ଟି ପଏଣ୍ଟ ମଧ୍ୟରୁ 408ଟି ପଏଣ୍ଟ ପାଣି ପଂଚାୟତ ଦ୍ୱାରା ପରିଚାଳିତ ଏବଂ ସମୁଦାୟ 389 ପଏଣ୍ଟ କାର୍ଯ୍ୟକ୍ଷମ ଥିବାବେଳେ 138ଟି ପଏଣ୍ଟ କାର୍ଯ୍ୟ କରୁନାହିଁ । 389ଟି କାର୍ଯ୍ୟକ୍ଷମ ମଧ୍ୟରୁ 27ଟି ବିଦ୍ୟୁତ୍ ଯୋଗାଣ ଅଭାବରୁ କାର୍ଯ୍ୟ ବାଧା ପ୍ରାପ୍ତ ହେଉଛି । ଏଥି ନିମିତ୍ତ ଆବଶ୍ୟକ ହେଉଥିବା ଅର୍ଥ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ଯୋଗାଇ ଦିଆଯିବା ପାଇଁ ମନ୍ତ୍ରୀ ଶ୍ରୀ ବରିହା ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୃଷି, କୃଷି ଯନ୍ତ୍ରପାତି ନିଗମର କାର୍ଯ୍ୟ ସମୀକ୍ଷାରୁ ଜଣାଗଲା ଯେ, ଅଦ୍ୟାବଧି କୃଷୀମାନଙ୍କୁ 100ଟି ଟ୍ରାକ୍ଟର ଯୋଗାଇ ଦେଇ ପ୍ରତି ଟ୍ରାକ୍ଟର ପିଚ୍ଛା ନବେ ହଜାର ଟଂକା ଲେଖାଏଁ ସବ୍ସିଡି, 21ଟି ପାୱାର ଟିଲର ଯୋଗାଇ ଦିଆଯାଇ ପ୍ରତି ପାୱାର ଟିଲର ପିଚ୍ଛା ଷାଠିଏ ହଜାର ଟଂକା ଲେଖାଏଁ ସବ୍ସିଡି, 825ଟି ଡିଜେଲ ପଂପସେଟ୍ ଯୋଗାଇ ଦିଆଯାଇ ସବ୍ସିଡ୍ ବାବଦକୁ ଚାଷିମାନଙ୍କୁ 64 ଲକ୍ଷ ଟଂକା ପ୍ରଦାନ କରାଯାଇଥିବା ପ୍ରକାଶ । ପଦ୍ମପୁର ଅଂଚଳର ଚାଷୀମାନଙ୍କ ପାଇଁ ପଦ୍ମପୁର ଠାରେ କୃଷି ଯନ୍ତ୍ରପାତି

(ଅ.ପ.ଦେ....2)

ନିଗମର ଏକ କେନ୍ଦ୍ର ଖୋଲିବା ପାଇଁ ମନ୍ତ୍ରୀ ଶ୍ରୀ ବରିହା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧି ଯିଏ ଯେଉଁ ପଦବୀରେ ଥାଉନା କାହିଁକି ସମସ୍ତେ ସାଧାରଣ ଜନତାର କର ଖଜଣାରୁ ଦରମା ପାଉଥିବାରୁ ସମସ୍ତେ ସେବା ମୂଳକ ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ବରିହା ଆଶା ପ୍ରକାଶ କରିଥିଲେ ।

.......

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ

ପରିପତ୍ର ସଂଖ୍ୟା 521 /ସୂ.ଲୋ.ବି./ତାରିଖ 5.6.2010

ଏହାର ଏକକିତା ନକଲ ବରଗଡର ସମସ୍ତ ସାମ୍ବାଦିକଙ୍କର ବିହିତ ଅବଗତି ଓ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ବରଗଡ

ପରିପତ୍ର ସଂଖ୍ୟା 521(କ)/ ତାରିଖ – 5.6.2010

ଏହାର ଏକକିତା ନକଲ ଡି.ଆଇ.ଓ.ଏନ୍.ଆଇ.ସିଙ୍କ ବିହିତ ଅବଗତି ଓ ଜିଲ୍ଲା ୱେବ୍ ସାଇଟ୍‌ରେ ସଂସ୍ଥାପନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ବରଗଡ